





## ବର୍ଷା ସାଙ୍ଗକୁ ବିଜୁଳି ଓ ପବନ

# ଗର୍ଜିଲା ଆକାଶ, ଭାଙ୍ଗିଲା ଗଛ



ଭୁବନେଶ୍ୱର, ୧୮ ।୬(ସମିସ):

ବର୍ଷା ସାଙ୍ଗକୁ ରାଜଧାନୀ ଆକାଶରେ ଚମକିଲା ବିଜୁଳି, ଘଡ଼ଘଡ଼ିରେ କମ୍ପିଲା ଗଗନ। ଝଡ଼ିପବନରେ ଭାଙ୍ଗିଲା ଗଛ ଡାଳ। ଦିନ ତମାମ ଅସହ୍ୟ ଗୁଳୁଗୁଳି ଅସ୍ତବ୍ୟସ୍ତ କରିବା ପରେ ଅପରାହ୍ଣରେ ବର୍ଷାରେ ଭିଜିଲା ରାଜଧାନୀ ଭୁବନେଶ୍ୱର। ବର୍ଷା ଯୋଗୁଁ ରାଜଧାନୀବାସୀଙ୍କୁ ମିଳିଲା ଗୁଳୁଗୁଳିରୁ ଆଶ୍ୱସ୍ତି। ସୋମବାର ପରି ମଙ୍ଗଳବାର ମଧ୍ୟ ରାଜଧାନୀରେ କାଳବୈଶାଖୀର ପ୍ରକୋପ ଲୋକଙ୍କୁ ଆଶ୍ୱସ୍ତ କରିଛି। ସୋମବାର ତୁଳନାରେ ମଙ୍ଗଳବାର ଉଭୟ ବର୍ଷା ଓ ପବନର ପ୍ରଭାବ ଅଧିକ ରହିଥିବା ବେଳେ ବିଜୁଳି ଘଡ଼ଘଡ଼ିର ମଧ୍ୟ ପ୍ରବଳ ପ୍ରଭାବ ଅନୁଭୂତ ହୋଇଛି। ପବନ ବର୍ଷା ଯୋଗୁଁ ରାଜଧାନୀର ୨୮ ଟି ସ୍ଥାନରେ ରାସ୍ତାରେ ଗଛ ଡାଳ ଭାଙ୍ଗି ପଡ଼ିବା ସହ ରାସ୍ତା ଅବରୋଧ ହୋଇଥିଲା। ଏହାକୁ ଅଗ୍ନିଶମ ବାହାନୀ ରାସ୍ତାରୁ ହଟାଇବା ସହ ଯାନବାହନ ଚଳାଚଳ ସ୍ୱାଭାବିକ କରିଥିବା ସୂଚନା ମିଳିଛି।

### ବର୍ଷାପାଣିରେ ଭାସିଲା ରାଜଧାନୀ ରାସ୍ତାଘାଟ

ଅପରାହ୍ଣ ୩ ଟାରୁ ବିଜୁଳି ଘଡ଼ଘଡ଼ିର ପ୍ରଭାବ ଆରମ୍ଭ ହୋଇ ସନ୍ଧ୍ୟା ସାଢ଼େ ୪ ଟା ଯାଏ ଘନଘନ ବିଜୁଳି ମାରୁଥିବାରୁ କିଛି ସମୟ ପାଇଁ ରାଜଧାନୀ ରାସ୍ତାଘାଟ୍ ଶୂନଶାନ ହୋଇଯାଇଥିଲା। ପ୍ରକାଶ ଥାଉ କି ମଙ୍ଗଳବାର ସକାଳେ ଭୁବନେଶ୍ୱରରେ ଅସମ୍ଭାଳ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଯାହାଦ୍ୱାରା ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା। ନା ଘରେ ବସି ହେଉଥିଲା ନା ଘର ବାହାରେ ବସି ହେଉଥିଲା। ଗମ୍ ଗମ୍ ହୋଇ ଝାଳ ବୋହୁଥିଲା। ତେବେ ଅପରାହ୍ଣରେ ହଠାତ୍ ରାଜଧାନୀ ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ତା'ପରେ ଧୂଳି ଝଡ଼ ହେବା ସହିତ ଘଡ଼ଘଡ଼ି ମାରିଥିଲା। ପବନ ସହିତ ବର୍ଷା ଆରମ୍ଭ ହୋଇଥିଲା। ଧୀରେ ଧୀରେ ବର୍ଷାର ପରିମାଣ ବଢ଼ିଥିଲା। ରାଜଧାନୀର ଆଚାର୍ଯ୍ୟ ବିହାର, ନାଲ୍‌କୋ, ପଟିଆ, ଚନ୍ଦ୍ରଶେଖରପୁର, କଳାରାହାଙ୍ଗ, ଲକ୍ଷ୍ମୀସାଗ, ମଞ୍ଚେଶ୍ୱର ଆଦି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ବେଳେ ୟୁନିଟ୍-୨, ନୂଆପଲ୍ଲୀ, ୟୁନିଟ୍-୮ ଡେଲ୍‌ଟା, ରେଣ୍ଟାଲ କଲୋନୀ, ଓଲ୍ଡ ଏଜି କଲୋନୀ, ମାଷ୍ଟର କ୍ୟାଣ୍ଟିନ ଆଦିକୁ ଲଗାଇ ୨୮ ଟି ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତାରେ ପଡ଼ି ରହିଥିଲା। ବର୍ଷା ଯୋଗୁ ଅସମ୍ଭାଳ ଗରମରୁ ରାଜଧାନୀବାସୀଙ୍କୁ ଆଶ୍ୱସ୍ତି ମିଳିଛି।

## ବଜ୍ରପାତରେ ବିଏମ୍‌ସି ରକ୍ତଭଣ୍ଡାର କର୍ମଚାରୀ ମୃତ

ବଜ୍ରପାତରେ ବିଏମ୍‌ସି ରକ୍ତଭଣ୍ଡାର ଲ୍ୟାବ୍ ଟେକ୍ନିସିଆନ କୈବଲ୍ୟ ପ୍ରଧାନ (୫୬)ଙ୍କ ମୃତ୍ୟୁ ଘଟିଛି। ସେ ରକ୍ତଦାନ ଶିବିର ଆୟୋଜନ କରିବାକୁ ଆୟୋଜକଙ୍କୁ ଦେଖାକରି କ୍ୟାପିଟାଲ ଥାନା ନୂଆ ଫରେଷ୍ଟ ପାର୍କ ନିକଟରେ ଯିବା ବାଟରେ ତାଙ୍କର ବିଜୁଳି ଆଘାତରେ ମୃତ୍ୟୁ ଘଟିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଆଜି ଅପରାହ୍ଣ ୩ଟା ସମୟରେ ନୂଆ ଫରେଷ୍ଟ ପାର୍କ ଦେଇ ଘରକୁ ଯାଉଥିବା ବେଳେ ବଜ୍ରପାତ ଘଟିଥିଲା। ଦୀର୍ଘ ୨୩ ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ମ୍ୟୁନିସପାଲିଟି ରକ୍ତଭଣ୍ଡାରରେ କାମକରି ଆସୁଥିଲେ। କରୋନା ସମୟରେ ନିଜ ଜୀବନକୁ ବିପନ୍ନ କରି ଶହ ଶହ ଥାଲାସେମିଆ ରୋଗୀଙ୍କୁ କେମିତି ରକ୍ତ ଯୋଗାଇ ହେବ ସେଥିପାଇଁ କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାର ଅଧିକାରୀଙ୍କ ସହ ମିଶି କାମ କରିଥିଲେ। ତାଙ୍କ ଏହି ମୃତ୍ୟୁ ଖବର ପାଇବା ପରେ ପରିବାର ଏବଂ ସାଙ୍ଗସାଥୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

■ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆଳରେ ଠକେଇ

## ୬୭ ଲକ୍ଷ ଠକେଇ ଅଭିଯୋଗରେ ଠକ ଗିରଫ

ଭୁବନେଶ୍ୱର, ୧୮ ।୬(ସମିସ): ମ୍ୟୁଚୁଆଲ ଫଣ୍ଡରେ ଟଙ୍କା ବିନିଯୋଗ କରିବା ଆଳରେ ୬୭ ଲକ୍ଷ ଟଙ୍କା ଠକେଇ ମାମଲାରେ ଜଣେ ଯୁବକକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲା ଢେଙ୍କାନାଳ ଗଁଦିଆର ରାକେଶ କୁମାର ନାୟକ ଓରଫ ଜିତୁ। ଅଭିଯୋଗ ଅନୁଯାୟୀ, ଗତବର୍ଷ ମ୍ୟୁଚୁଆଲ ଫଣ୍ଡରେ ଟଙ୍କା ବିନିଯୋଗ କରିବାର ଲାଗି ଅଭିଯୋଗକାରୀ ଜଣେ ମ୍ୟୁଚୁଆଲ ଫଣ୍ଡ ଏକ୍ସପର୍ଟଙ୍କ ନିକଟକୁ ଯାଇଥିଲେ। ସେଠାରେ ତାଙ୍କର ରାଜେଶଙ୍କ ସହିତ ସାକ୍ଷାତ ହୋଇଥିଲା। ରାଜେଶ ତାଙ୍କୁ ମ୍ୟୁଚୁଆଲ ଫଣ୍ଡ ଅପେକ୍ଷା ଅନ୍ୟ ଏକ ଅନଲାଇନ ସଂସ୍ଥାରେ ଟଙ୍କା ବିନିଯୋଗ କଲେ ଅଧିକ ଟଙ୍କା ଫେରସ୍ତ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଅନ୍‌ଲାଇନ ଟ୍ରେଡିଂର ଏକ୍ସପର୍ଟ ଥିବା କହି ଅଭିଯୁକ୍ତ ରାକେଶଙ୍କ ସହିତ ତାଙ୍କୁ ପରିଚିତ କରାଇଥିଲେ। ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଅଭିଯୋଗକାରୀ ପ୍ରଥମ ପର୍ଯ୍ୟାୟରେ ୧୫ ଲକ୍ଷ ଟଙ୍କା ରାକେଶଙ୍କୁ ଦେଇଥିବା ବେଳେ ଅଭିଯୋଗକାରୀଙ୍କ ମନରେ ବିଶ୍ୱାସ ଜନ୍ମାଇବା ଲାଗି ରାକେଶ ତାଙ୍କୁ ମାସ ଶେଷରେ ୪ ଲକ୍ଷ ଟଙ୍କା ଅଧିକ ଫେରାଇଥିଲେ। ପରେ ଅଭିଯୋଗକାରୀ ବିଶ୍ୱାସ କରି ୩ କିସ୍ତିରେ ମୋଟ ୮୧ ଲକ୍ଷ ଟଙ୍କା ରାକେଶଙ୍କୁ ଦେଇଥିଲେ। ସେଥିରୁ ୧୪ଲକ୍ଷ ୯୩ହଜାର ୬୩୦ ଟଙ୍କା ରିଟର୍ଣ୍ଣ ବାବଦକୁ ଫେରାଇଥିଲେ। ବାକି ଟଙ୍କା ଫେରାଇବା ଲାଗି ଚେକ ଦେଇଥିଲେ ମଧ୍ୟ ତାହା ବ୍ୟାଙ୍କ ପକ୍ଷରୁ ଗ୍ରହଣୀୟ ହୋଇ ନ ଥିଲା। ଟଙ୍କା ଫେରସ୍ତ ନ କରିବାରୁ ଅଭିଯୋଗକାରୀ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ।

## ମାର୍‌ପିଟ୍ ମାମଲା; ୫ ଗିରଫ

ଭୁବନେଶ୍ୱର, ୧୮ ।୬(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଦ ଦୋକାନ ସାମ୍‌ନାରେ ହଣାକଟା ମାମଲାରେ ୩ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁର ଥାନା ଅଧୀନ ଅରବିନ୍ଦ ମୁଣ୍ଡା, ଡି. ଦୀପ୍ତିରଞ୍ଜନ ଓ ରଜତ ମହାନ୍ତି। ଅଭିଯୋଗ ଅନୁଯାୟୀ, ଜୁନ୍ ୧୬ ତାରିଖରେ ଦୁଇଜଣ ନିକଟସ୍ଥ ତେଜରାତି ଦୋକାନଙ୍କୁ କିଛି ସାମଗ୍ରୀ କିଣିବାକୁ ଯାଇଥିଲେ। କଳିଙ୍ଗ ବିହାରସ୍ଥିତ ମଦ ଦୋକାନ ନିକଟରେ ୩ ଅଭିଯୁକ୍ତ ଏକ ଅଟୋରେ ଆସି ହଠାତ୍ ଆକ୍ରମଣ କରିଥିଲେ। ଏଥିରେ ଦୁଇ ଯୁବକ ଗୁରୁତର ହେବାରୁ ସ୍ଥାନୀୟ କିଛି ଲୋକ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ତମାଣ୍ଡୋ ଥାନା ପୁଲିସ ମାମଲା ରୁଜୁକରି ରାଣିସିଙ୍ଗ କ୍ରିକେଟ ଗ୍ରାଉଣ୍ଡ ନିକଟରେ ଚଢ଼ଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଜବତ କରିଥିଲା। ଆଉ ଏକ ମାର୍‌ପିଟ୍ ଓ ଚୋରି ମାମଲାରେ ସନିଆ ପ୍ରଧାନ ଓ ଅଜିତ ନାୟକଙ୍କୁ ଗିରଫ କରିଛି କମିସରେଟ ପୁଲିସ।

## ଇନ୍‌ଷ୍ଟା ରିଲ୍ସକୁ କେନ୍ଦ୍ରକରି ଆକ୍ରମଣ

### ବାପ, ପୁଅକୁ ଗିରଫ କଲା ପୁଲିସ

ଭୁବନେଶ୍ୱର, ୧୮ ।୬(ସମିସ): ଇନ୍‌ଷ୍ଟାଗ୍ରାମ୍ ରିଲ୍ସକୁ କେନ୍ଦ୍ରକରି ସହିଦନଗର ଥାନା ଅଧୀନ ପଥବନ୍ଧବସ୍ତିରେ କୋଦାଳରେ ଆକ୍ରମଣ କରାଯାଇଛି। ଏଥିରେ ଅନନ୍ତ ରେଡ୍ଡୀ ଗୁରୁତର ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତ ବାପ, ପୁଅଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଥରବନ୍ଧ ବସ୍ତିରେ କାର୍ତ୍ତିକ ନାୟକ ଏବଂ ତାଙ୍କ ପୁଅ ଧବଳେଶ୍ୱର ନାୟକ। ଖବର ନେବାରୁ ଜଣାପଡ଼ିଛି ଯେ, ରଜରେ ମୁର୍ଖାଜୀ ପାର୍କରେ ଅନନ୍ତ ଏବଂ ଧବଳେଶ୍ୱର ରିଲ୍ସ କରୁଥିଲେ। ସେଠାରେ ରିଲ୍ସ କରିବା ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ହାତାହାତି ହୋଇଥିଲେ। ଅନନ୍ତ ଘଟିଯାଇଥିବା ଘଟଣା ସମ୍ପର୍କରେ କାହିଁକି ପଥରବନ୍ଧ ବସ୍ତିରେ ଜଣାଇଲନି ବୋଲି ପ୍ରଶ୍ନ କରି କାର୍ତ୍ତିକ ନିଜ ଘର ନିକଟକୁ ଆସିବା ଲାଗି ଅନନ୍ତଙ୍କୁ ଫୋନ କରି କହିଥିଲେ। ଅନନ୍ତ ଘର ନିକଟରେ ପହଞ୍ଚିବା କ୍ଷଣି, କାର୍ତ୍ତିକ ଏବଂ ତାଙ୍କର ଦୁଇ ପୁଅ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଭଙ୍ଗା କାଚ ବୋତଲରେ ଆକ୍ରମଣ କରିଥିଲେ। ପରେ କାର୍ତ୍ତିକ କୋଦାଳରେ ଅନନ୍ତଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ସଦସ୍ୟ ଗୁରୁତର ଅନନ୍ତଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ।

## ପତ୍ନୀକୁ ମାଡ଼ମାରି ଜେଲ୍‌ଗଲେ ଡାକ୍ତର

ବାଲିଅନ୍ତା, ୧୮ ।୬(ସମିସ): ବାଲିଅନ୍ତା ଥାନା ପୁଲିସ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ପତ୍ନୀକୁ ମାଡ଼ ମାରିବା ଅଭିଯୋଗରେ ଭରତପୁର ଥାନା ଅଧୀନ କୋଳଥିଆ କଲୋନି ଏଚଆଇଜି ୫୭ର ଅବିନାଶ ପାତ୍ର (୩୬) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଅଭିଯୋଗକାରୀ ଡାକ୍ତରାଣୀ ଅନୁପମା ପଟ୍ଟନାୟକ ଅଭିଯୋଗ କରିଥିଲେ। ତାଙ୍କର ଅଭିଯୋଗ ଭିତ୍ତିରେ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତ ଅବିନାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅନୁପମା ସିଏଚସି, ବାଲକାଟି ହସ୍ପିଟାଲରେ ୨୦୨୦ ମସିହାରୁ କାର୍ଯ୍ୟ କରିଆସୁଛନ୍ତି। ଗତ ୨୦୨୨ ମସିହାରେ ସେ ଅବିନାଶକୁ ବିବାହ କରିଥିଲେ। ବିବାହ ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଫଳରେ ସେମାନେ ପ୍ରାୟ ସମୟ ଅଲଗା ରହୁଥିଲେ। ଗତ ମଇ ମାସରେ ଅଭିଯୋଗକାରିଣୀ ଜଣକ ଅଭିଯୁକ୍ତଙ୍କ ପରିବାର ସଦସ୍ୟଙ୍କ ନାମରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀଙ୍କ ଉପରେ ରାଗ ରଖିବା ସହିତ ପ୍ରତିଶୋଧ ନେବା ଲାଗି ସୁଯୋଗ ଖୋଜୁଥିଲେ। ଗତକାଲି ମଧ୍ୟାହ୍ନ ସମୟରେ ହସ୍ପିଟାଲ ପରିସର ଜନଗହଳି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ହସ୍ପିଟାଲ ପରିସର ମଧ୍ୟରେ ଥିବା ଅଭିଯୋଗକାରିଣୀଙ୍କ ଚାମ୍ବର ଭିତରକୁ ପ୍ରବେଶ କରି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ବାହାରକୁ ଆସିବା ନିମନ୍ତେ ଧମକ ଦେଇଥିଲେ। ଅଭିଯୋଗକାରିଣୀ ନିଜ ଚାମ୍ବର ବାହାରକୁ ଆସିବା କ୍ଷଣି ଅଭିଯୁକ୍ତ ସାଙ୍ଗରେ ଆଣିଥିବା ଏକ ମାରଣାସ୍ତ୍ର ସାହାଯ୍ୟରେ ହଠାତ ତାଙ୍କ ବେକକୁ ଲକ୍ଷ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୋଗକାରିଣୀ ଜଣକ ସୌଭାଗ୍ୟ ବଶତଃ ନିଜକୁ ଏହି ଆକ୍ରମଣରୁ ବଞ୍ଚାଇ ନେଇଥିବା ବେଳେ, ପାଟିକରି ସାହାଯ୍ୟ ପାଇଁ ଡାକ ପକାଇଥିଲେ। ପାଟି ଶୁଣି ପାଖରେ ଉପସ୍ଥିତ ଥିବା ସିକ୍ୟୁରିଟି ଗାର୍ଡ ଘଟଣା ସ୍ଥଳକୁ ଦୌଡି ଯାଇ ଅଭିଯୋଗକାରିଣୀଙ୍କୁ ଅଭିଯୁକ୍ତଙ୍କ ଆକ୍ରମଣରୁ ରକ୍ଷା କରିବାରେ ସକ୍ଷମ ହୋଇଥିଲେ। ଘଟଣାର ଅଭିଯୋଗ ପରେ, ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ତାଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ଅତ୍ୟାଧୁନିକ ମାରଣାସ୍ତ୍ରକୁ ମଧ୍ୟ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ମହିଳା ଥାନାରେ ୨ଟି ମାମଲା ରହିଥିବା ତଦନ୍ତ ବେଳେ ଜଣା ପଡ଼ିଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।

### ଦରଦାମ ବୃଦ୍ଧିରେ କଲବଲ ଖାଉଟି

# ୩ କିଲୋ ବଦଳରେ ଦେଢ଼ କିଲୋରେ ଚଳୁଛି

ଭୁବନେଶ୍ୱର, ୧୮ ।୬(ସମିସ):

ଗତ ସପ୍ତାହେ ଭିତରେ ପିଆଜ ଦର କିଲୋ ପିଛା ୧୦ରୁ ୧୫ଟଙ୍କା ବୃଦ୍ଧି ପାଇଛି। ଅସମୟରେ ଏଭଳି ଦରବୃଦ୍ଧି ସିଧାସଳଖ ଗରିବ ଓ ନିମ୍ନ ମଧ୍ୟବିତ୍ତଙ୍କ ପକେଟ୍‌କୁ ପ୍ରଭାବିତ କରିଛି। ଏହାକୁ ନେଇ ସାଧାରଣ ଖାଉଟି ମୁଣ୍ଡରେ ଚଡ଼କ ପଡ଼ିଛି। ଫଳସ୍ୱରୂପ ଯେଉଁ ଲୋକ ପୂର୍ବରୁ ସପ୍ତାହକୁ ୩ କିଲୋ ପିଆଜ କିଣୁଥିଲା, ସେ ଏବେ ବାଧହୋଇ ଦେଢ଼ କିଲୋକୁ କମାଇ ଦେଇଛି। ଦର ବଢ଼ିବାର ପ୍ରମୁଖ କାରଣ ହେଉଛି ଅନିୟମିତ ଜଳବାୟୁ ଓ ଚାହିଦା ଅନୁସାରେ ଯୋଗାଣର ଅଭାବ। ଗତ ମଙ୍ଗଳବାର ପିଆଜ କିଲୋ ୩୦ରୁ ୩୫ ଟଙ୍କା ଥିବାବେଳେ ମଙ୍ଗଳବାର ସମାନ ପିଆଜର ଦର ୪୦ରୁ ୪୫ ଟଙ୍କା ରହିଛି। ଏହି ଦର ଲଗାତାର ଭାବେ ଗତ ସାତଦିନ ଧରି ଅପରିବର୍ତ୍ତିତ ଥିବା ହୋଲ୍‌ସେଲ୍‌ଫ ବଜାର ପକ୍ଷରୁ ସୂଚନା ମିଳିଛି।

ରୋଷେଇ ସାମଗ୍ରୀ ଭିତରେ ପିଆଜ ଏକ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ପଦାର୍ଥ। ବିଶେଷକରି ଓଡ଼ିଆ ଘରେ ତରକାରୀ ସୁଆଦିଆ କରିବାଠାରୁ ଆରମ୍ଭ କରି ପଖାଳ ଖାଇବାବେଳେ ସାଙ୍ଗରେ ପିଆଜ ଖଣ୍ଡେ ଲୋଡ଼ା ପଡ଼େ। ହେଲେ ଦରବୃଦ୍ଧି ଯୋଗୁଁ ଗୃହିଣୀ ଏବେ ତରକାରୀରେ ପିଆଜ ପକାଇବା ଅପେକ୍ଷା ବିନା ପିଆଜ ରସୁଣରେ ତରକାରୀ କରିବାକୁ ଶ୍ରେୟସ୍କର ମଣୁଛନ୍ତି। ବ୍ୟବସାୟୀ ରାଧାକାନ୍ତ ସ୍ୱାଇଁଙ୍କ କହିବାନୁସାରେ, ପିଆଜ ଦର ବଢ଼ିବା ଯୋଗୁଁ ବିକ୍ରିବଟା ପ୍ରଭାବିତ ହୋଇଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ହୋଟେଲ




### ହୋଟେଲ, ଫାଷ୍ଟଫୁଡ୍ ଖାଇବାରେ ଆସୁନି ସୁଆଦ

ବ୍ୟବସାୟୀ, ଫାଷ୍ଟଫୁଡ୍ ଦୋକାନୀମାନେ ମଧ୍ୟ ଏବେ ପିଆଜ କିଣା ପରିମାଣ କମାଇ ଦେଇଛନ୍ତି। ଫଳରେ ହୋଟେଲ୍ ଓ ଫାଷ୍ଟଫୁଡ୍ ଖାଦ୍ୟରେ ପୂର୍ବ ସୁଆଦ ଆସୁ ନ ଥିବା ଗ୍ରାହକ ଅଭିଯୋଗ କରୁଛନ୍ତି। ଅପରପକ୍ଷେ ଏଥିଯୋଗୁଁ ଲାଭ ମଧ୍ୟ କମିଯାଉଛି ବୋଲି କହିଛନ୍ତି ଫାଷ୍ଟଫୁଡ୍ ବ୍ୟବସାୟୀ ଶୁଭେନ୍ଦୁ ସାହାଣୀ। ସେ ଆହୁରି କହିଛନ୍ତି, ଆମର ବିଭିନ୍ନ ଆଇଟମ୍‌କୁ ସ୍ୱାଦିଷ୍ଟ କରିବା ପାଇଁ ପିଆଜର ନିହାତି ଆବଶ୍ୟକତା ରହିଛି। ତେଣୁ ଆମେ ଚାହିଁଲେ ବି ପିଆଜ କିଣିବା କମ୍ କରିପାରିବୁନି। ଫଳରେ ପୂର୍ବରୁ ଯେଉଁଥିରୁ ଆମକୁ ହଜାରେ ଟଙ୍କା ଲାଭ ହେଉଥିଲା, ସେଥିରୁ ଏବେ ୬୦୦ଟଙ୍କା ଲାଭ କରି ବଡ଼ କଷ୍ଟରେ ଗୁଜୁରାଣ ମେଣ୍ଟାଇବାକୁ ପଡୁଛି।

ହୋଲ୍‌ସେଲ୍‌ଫ ବ୍ୟବସାୟୀ ସଂଘର କହିବାନୁସାରେ, ଆମେ ବାହାର ରାଜ୍ୟ ପିଆଜ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେଣୁ ଆମର ଦୈନିକ ଯେତିକି ପିଆଜ ଆବଶ୍ୟକ ବର୍ତ୍ତମାନ ସେତିକି ପରିମାଣରେ ପିଆଜ ଆସୁନି। ତେଣୁ ଯେତିକି ଆସୁଛି ଉଚ୍ଚା ଦରରେ କିଣା ହୋଇ ଆସୁଛି ଓ ଚଢ଼ା ଦରରେ ବିକ୍ରି ହେଉଛି। ଏହି ଦରଦାମ୍ ଆସନ୍ତା ସେପ୍ଟମ୍ବର ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ମହରାଷ୍ଟ୍ର ପିଆଜ ମଣ୍ଡିରେ ଆବଶ୍ୟକ ତୁଳନାରେ ପିଆଜ ନାହିଁ। ତେଣୁ ସେଠି ଦର ଉଚ୍ଚା ରହିଛି। ସେଠୁ ପିଆଜ ଓଡ଼ିଶାକୁ ଆସୁଥିବାରୁ ଓଡ଼ିଶାରେ ମଧ୍ୟ ଦର ଉଚ୍ଚା ରହୁଛି। ତେଣୁ ଏପରିସ୍ଥଳେ ଖାଉଟିଙ୍କୁ ଚଢ଼ା ଦରରୁ ମୁକ୍ତି ଦେବା ପାଇଁ ସରକାରୀସ୍ତରରେ ଯଦି ପିଆଜ ଆମଦାନୀ କରାଯାଇ ଲୋକଙ୍କୁ ରିହାତି ଦରରେ ବିକ୍ରି କରାଯିବ, ତେବେ ସାଧାରଣ ଖାଉଟି ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।





# ଫସାଉଥିଲେ ଏମ୍‌ଟେକ୍ ସାଇବର୍ ଠକ







ଭୁବନେଶ୍ୱର, ୧୮ ।୬(ସମିସ):

କିଏ ଏମ୍-ଟେକ୍ ଛାତ୍ର ତ ଆଉ କିଏ ଗ୍ରାଜୁଏଟ୍। ତାରକା ହୋଟେଲ୍‌ରେ ରହୁଥିଲେ, ଦାମୀ କାର୍ ଚଢୁଥିଲେ। ରାତାରାତି ବନୁଥିଲେ କୋଟିପତି। ବେଙ୍ଗାଲୁରୁରୁ କାର୍ ନେଇ ସପ୍ତାହକୁ ଥରେ ଭୁବନେଶ୍ୱର ଆସୁଥିଲେ। ମୁମ୍ବଇରୁ ଚୀନ୍‌ର ତାଇୱାନ ଯାଉଥିବା ପାର୍ସଲ୍‌ରୁ ଡ୍ରଗ୍ସ ବାହାରିବା ଆଳରେ ଡିଜିଟାଲ ଗିରଫଦାରୀର ଭୟ ଦେଖାଇ ରାଜ୍ୟ ସରକାରଙ୍କ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ୩୬ ଲକ୍ଷ ଠକେଇ ମାମଲାରେ ଗିରଫ ୫ ଆନ୍ତଃରାଜ୍ୟ ସାଇବର ଅପରାଧୀ ଗୁମର ଖୋଲୁଛି।

ଠକେଇ ଟଙ୍କାରେ ଅଭିଯୁକ୍ତମାନେ ଦାମୀ ଫୋନ୍ କରିବା ଘର, ଜମି କିଣିଛନ୍ତି। ଦେଶ ବିଦେଶରେ ସେମାନଙ୍କ ଘର ରହିଛି। ନିଜେ ଅୟସ ଜୀବନ ବିତାଇବା ସହ ପ୍ରେମିକାଙ୍କ ପିଛା ବି ଟଙ୍କା ଉଡ଼ାଉଥିଲେ। ସ୍ନାତକଧାରୀ ବୋଷ୍ ଓ ଏମ୍‌ଟେକ୍ ପାଠ ପଢ଼ିଥିବା ଚିଟ୍ଟିବାବୁ ଠକେଇର ମଙ୍ଗ ଧରିଥିଲେ। ଅନ୍ୟ ଅଭିଯୁକ୍ତମାନେ ଆପ୍ଲିକେସନ୍ ଯୋଗାଡ଼ କରୁଥିଲେ। ପାର୍ସଲରେ ଡ୍ରଗ୍ସ ପରିବହନ ଆଳରେ ଡିଜିଟାଲ ଗିରଫର ଭୟ ଦେଖାଇ ଠକେଇର ସାମ୍ରାଜ୍ୟ ଚଳାଇଥିଲେ। ୫ ଅଭିଯୁକ୍ତ ଆନ୍ଧ୍ରପ୍ରଦେଶ, ତ୍ରିପୁରା ଓ ଆସାମର ଗୌହାଟିର ମୂଳ ବାସିନ୍ଦା ହୋଇଥିବା ବେଳେ ବେଙ୍ଗାଲୁରୁ ଓ ଭୁବନେଶ୍ୱରରେ ରହୁଥିଲେ। ଏପରିକି ଭୁବନେଶ୍ୱରର ଭଡ଼ା ଘରୁ ସାଇବର୍ ଠକେଇର ଅପରେଟ୍ କରିଥିଲେ। କିନ୍ତୁ ଏହି ୩୬ ଲକ୍ଷ ଠକେଇ କଲା ବେଳେ ଅଭିଯୁକ୍ତମାନେ ବେଙ୍ଗାଲୁରୁ ଏକ ତାରକା ହୋଟେଲ୍‌ରେ ରହି ଠକେଇ କରିଥିଲେ। ମଝିରେ ମଝିରେ ଭୁବନେଶ୍ୱର ଆସି ସିମ୍ ନେଇ ଯାଉଥିଲେ। ଆଉ ଠକେଇ ପାଇଁ ରଣନୀତି ପ୍ରସ୍ତୁତ କରୁଥିଲେ। ସେମାନଙ୍କ ଚଳାଇଥିବା ଆକାଉଣ୍ଟଗୁଡ଼ିକରୁ କୋଟି କୋଟି ଟଙ୍କା କାରବାର ହୋଇଥିବାର ପ୍ରମାଣ ମିଳିବା ପରେ ସମସ୍ତ ଅଭିଯୁକ୍ତଙ୍କ ଆର୍ଥିକ କାରବାର ଖୋଲତାଡ଼ ହେବ। ସେମାନଙ୍କ ପାସବୁକ୍ ଯାଞ୍ଚ ଚାଲିଛି। ବହୁ ଠକାମୀରେ ଏମାନେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏନେଇ ଅନ୍ୟ ରାଜ୍ୟର ପୁଲିସ୍ ସହିତ ଯୋଗାଯୋଗ କରାଯିବ ବୋଲି ପୁଲିସ୍ କମିସନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।

**୫ ଅଭିଯୁକ୍ତଙ୍କ ଆର୍ଥିକ କାରବାର ଖୋଲତାଡ଼**

### ଠକେଇଙ୍କ ଅପରେସନ୍

ଅଭିଯୁକ୍ତଙ୍କ ଭିନ୍ନ ଭିନ୍ନ ଭୂମିକା ରହିଥିଲେ। ତାଜୁଦ୍ଦିନ ଓ ଚିଟ୍ଟି ବାବୁ ବେଙ୍ଗାଲୁରୁ ଏକ ହୋଟେଲ୍‌ରେ ଅପରେଟ୍ କରୁଥିଲେ। ଚିଟ୍ଟି ବାବୁ ନିଜକୁ କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ହୋଇ ପୁଲିସ ବେଶରେ ସ୍କାଇପ ଜରିଆରେ ଯୋଡ଼ି ହୋଇ ଭୟଭୀତ କରାଇଥିଲେ। ପରେ ସମ୍ପୃକ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ୩୬ ଲକ୍ଷ ଟଙ୍କାକୁ ଦୁଇଟି ଆକାଉଣ୍ଟରେ ନେଇଯାଇଥିଲା। ଅନୁରୂପ ଭାବେ ଡେଙ୍ଗୋ ଓରଫ ବୋଷ, ଜେମ୍ସ ଓ ଜିତେନ୍ ଆପ୍ଲିକେସନ୍ ଯୋଗାଡ଼ କରୁଥିଲେ। ବିଦେଶରୁ ଆସୁଥିବା ଏପିକେ ଫାଇଲ୍ ଏହି ୩ ଅଭିଯୁକ୍ତଙ୍କ ନିକଟକୁ ଆସୁଥିଲା। ଆମେରିକ ଓ ପାକିସ୍ତାନରୁ ଆସୁଥିବା କଲ୍‌ରେ ଏମାନଙ୍କ ଭୂମିକା ରହିଛି। ବିଦେଶରୁ ଆସୁଥିବା ଏପିକେ ଆପ୍ଲିକେସନ୍‌କୁ ଫୋନ୍‌ରେ ଇନ୍‌ଷ୍ଟଲ୍ କରିବା ପରେ ଆପଣଙ୍କ ଫୋନ୍ ହେଉଥିବା କାରବାର ବିଷୟରେ ସେମାନେ ଜାଣିପାରୁଥିଲେ। ତେଣୁ ଏହି ଫାଇଲ୍‌ରେ ଯୋଡ଼ି ହେବା ପରେ ବିଦେଶରେ ରହି ଗ୍ୟାଙ୍ଗ୍ ମୁଖିଆ ସବୁ ତଦାରଖ କରୁଥିଲା। ଏହି ଆପ୍ଲିକେସନ୍ ଜରିଆରେ ୩୦ ମିନିଟ୍‌ରୁ ଘଣ୍ଟାଏ ଭିତରେ ସମସ୍ତ ଟଙ୍କା କାରବାର ହୋଇପାରିବ। ତେଣୁ ଗ୍ୟାଙ୍ଗ୍ ମୁଖିଆ ବିଦେଶରେ ଏହି ଏପିକେ ଫାଇଲ୍ ଖୋଲି ସମସ୍ତ କାରବାର ଉପରେ ନିଜର ରଖିଥିଲା।

### ଆକାଉଣ୍ଟ ବିକିଲେ ଫସିବେ

ସାଇବର ଠକେଇ ବଢ଼ିବା ପଛରେ ଜାଲ ଆକାଉଣ୍ଟଧାରୀଙ୍କ ସମ୍ପୃକ୍ତି ରହିଛି। କିଛି ଟଙ୍କା ଲାଗି ବେକାର ଯୁବକ ଓ ଯୁବତୀମାନେ ନିଜ ନାମରେ ଆକାଉଣ୍ଟ ଖୋଲୁଛନ୍ତି। ପରେ ଆକାଉଣ୍ଟଗୁଡ଼ିକ କିଛି ଟଙ୍କା ଲୋଭରେ ସାଇବର୍ ଅପରାଧୀଙ୍କୁ ବିକ୍ରି କରୁଛନ୍ତି। ଆକାଉଣ୍ଟକୁ ଟ୍ରେଡିଂ ଓ ଗେମ୍ ଲାଗି ବ୍ୟବହାର କରାଯିବ ଓ ଏଥିରେ ନିୟମିତ ଟଙ୍କା ମିଳିବ ବୋଲି ଆକାଉଣ୍ଟଧାରୀଙ୍କୁ କୁହାଯାଉଛି। ଏମିତି ଲୋଭ ଦେଖାଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଉଛନ୍ତି। ପ୍ରତି ଆକାଉଣ୍ଟ ବାବଦରେ ଆକାଉଣ୍ଟଧାରୀଙ୍କୁ ମାସକୁ ୧୦ରୁ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ଦେଉଛନ୍ତି। ପରେ ମୋବାଇଲ ଫୋନ୍‌ରେ ଏପିକେ ଫାଇଲ ଖୋଲିବା ପରେ ନମ୍ବରଟି ସେଥିରେ ଯୋଡ଼ି ଦେଉଛନ୍ତି। ସେଥିରେ ଆଧାର, ପ୍ୟାନ୍ ଓ ସିମ୍ ନମ୍ବର ଦିଆଯାଇଥିବାରୁ ଆକାଉଣ୍ଟରେ ଟଙ୍କା ନେଣଦେଣ ସମ୍ପର୍କିତ ଯେତେ ବି ମେସେଜ୍ ଆସୁଛି, ତାହା ଆକାଉଣ୍ଟଧାରୀଙ୍କ ନିକଟକୁ ନ ଯାଇ ଗ୍ୟାଙ୍ଗ୍ ମୁଖିଆ ଦେଇଥିବା ନମ୍ବରରେ ଯାଉଛି। ପରେ ଆକାଉଣ୍ଟଗୁଡ଼ିକ ବ୍ୟବହାର କରି ଠକେଇ ଶିକାର ବ୍ୟକ୍ତିଙ୍କ ଟଙ୍କା ଏହି ବେନାମୀ ଆକାଉଣ୍ଟଗୁଡ଼ିକ ଟଙ୍କା ଯାଉଛି। ସେଭଳି ସାଇବର୍ ଅପରାଧୀମାନେ ଏଜେଣ୍ଟ ସୃଷ୍ଟି କରି ସେମାନଙ୍କୁ ମାସିକ ୧୦ରୁ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ଦେଉଛନ୍ତି। ସେମାନେ କିଭଳି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ, ସେ ବିଷୟରେ ବୁଝାଉଛନ୍ତି। ପରେ ଆକାଉଣ୍ଟଧାରୀଙ୍କୁ ଘରୁ ବସି କିଭଳି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିହେବ ସେ ନେଇ ପ୍ରଲୋଭନ ଦେଖାଉଛନ୍ତି। ଏଜେଣ୍ଟମାନେ ଆକାଉଣ୍ଟଧାରୀଙ୍କ ଠିକଣା ନେଇ ଆଉ ଏକ ଡମି ଆକାଉଣ୍ଟ ପ୍ରସ୍ତୁତ କରାଯାଉଛି।



### କ୍ରିପ୍ଟୋରେ ଲାଗୁଥିଲା ଠକେଇ ଟଙ୍କା।

ଅଭିଯୁକ୍ତମାନେ ଦିନକୁ କୋଟି କୋଟି ଟଙ୍କା ଠକେଇ କରୁଥିଲେ। ଏମିତିକି ସରକାରୀ ଅଧିକାରୀଙ୍କ ଠାରୁ ୩୬ ଲକ୍ଷ ଠକେଇ କରିଥିବା ଦିନ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ୧ କୋଟି ୬୪ ଲକ୍ଷ ଟଙ୍କାର କାରବାର ହୋଇଥିଲା। ଅଭିଯୁକ୍ତମାନେ କର୍ପୋରେଟ୍ ଓ କରେଣ୍ଟ ଆକାଉଣ୍ଟ ଖୋଲି ପ୍ରତିଦିନ ୨ କୋଟି ଟଙ୍କା ଲେଖାଏଁ କାରବାର କରୁଥିଲେ। ଏତେ ଟଙ୍କା କାରବାର ହେବା ପରେ ମ୍ୟୁଲ୍ ଆକାଉଣ୍ଟ ଜରିଆରେ କ୍ରିପ୍ଟୋରେ ନିବେଶ କରୁଥିଲେ। ବିଦେଶରେ ଥିବା ଗ୍ୟାଙ୍ଗ୍ ମୁଖିଆକୁ କ୍ରିପ୍ଟୋରେ ପଠାଇ ଦେଉଥିଲେ। ବିଦେଶରେ ରହି ଅପରେଟ୍ କରୁଥିବା ମୁଖିଆ କମିସନର ହିସାବରେ ଟଙ୍କାକୁ ୟୁଏସ୍ଏ ଡଲାରରେ ଦେଉଥିଲେ। ଧରାପଡ଼ିଥିବା ଅଭିଯୁକ୍ତମାନେ ୧୭୦୦ ଡଲାର (ଭାରତୀୟ ମୁଦ୍ରାରେ ୧ ଲକ୍ଷ ୫୩ ହଜାର ଟଙ୍କା) କ୍ରିପ୍ଟୋରେ ନିବେଶ ହୋଇଥିଲା। ବିଦେଶରେ ରହି ଅପରେଟ୍ କରୁଥିବା ମୁଖିଆ ନିକଟରେ ପହଞ୍ଚିବାକୁ ଉଦ୍ୟମ ଜାରି ରହିଥିବା ପୁଲିସ କହିଛି।

## ଓଡ଼ିଶା ଗଣମାଧ୍ୟମ ପରିବାର ପକ୍ଷରୁ ରାମୋଜୀ ରାଓଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୮।୬(ସମିସ): ଭାରତୀୟ ଗଣମାଧ୍ୟମ ଓ ମନୋରଞ୍ଜନ ଜଗତକୁ ନୂଆ ଦିଗ ଦେଖାଇଥିବା ରାମୋଜୀ ରାଓଙ୍କୁ ଓଡ଼ିଶା ଗଣମାଧ୍ୟମ ପରିବାର ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମଙ୍ଗଳବାର ଏକାଦଶାହ ଅବସରରେ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ମିଡିଆ ଓ ମନୋରଞ୍ଜନ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ରାଓଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଇଟିଭି ଓଡ଼ିଆ ସାଟେଲାଇଟ୍ ଚ୍ୟାନେଲର ପୂର୍ବତନ ସହଯୋଗୀ, ରାମୋଜୀ ଗ୍ରୁପର କର୍ମଚାରୀ ଏବଂ ଓଡ଼ିଶାର ବିଭିନ୍ନ ଗଣମାଧ୍ୟମ ଓ ମନୋରଞ୍ଜନ ଜଗତର ବ୍ୟକ୍ତିବିଶେଷ ଏକାଠି ହୋଇଥିଲେ। ଏହି ଅବସରରେ ସ୍ୱର୍ଗତ ରାଓଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଗୀତା ପାଠ ସହ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବରିଷ୍ଠ ପ୍ରଶାସନିକ ଅଧିକାରୀ କଲ୍ୟାଣୀ ସଂଘମିତ୍ରା, ପୂର୍ବତନ ସୂଚନା କମିସନର ଦିଲ୍ଲୀପ ବିଷୋୟୀ, ଅଭିନେତା କୁନା ତ୍ରିପାଠୀ, ଲେଖକ ଅସିତ ମହାନ୍ତି ପ୍ରମୁଖ ଯୋଗଦେଇ ରାମୋଜୀ ରାଓଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଏହି ଅବସରରେ ରାମୋଜୀ ରାଓଙ୍କ ଜୀବନ ଏବଂ ମିଡିଆ ଓ ମନୋରଞ୍ଜନ ଜଗତ ପ୍ରତି ତାଙ୍କର ବିଶେଷ ଅବଦାନକୁ ନେଇ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏଥିସହ ରାମୋଜୀ ରାଓଙ୍କ ସ୍ମୃତିରେ ପ୍ରସ୍ତୁତ ନ୍ୟୁଜ୍ ଲେଟର ଲୋକାର୍ପିତ ହୋଇଥିଲା। ସେହିପରି ରାମୋଜୀ ରାଓଙ୍କର ଏକ ଲାଇଭ୍ ପେଣ୍ଟିଂ କରାଯାଇଥିଲା। ଯୁବ ଚିତ୍ରଶିଳ୍ପୀ ସୁଶାନ୍ତ ସିଂସାମନ୍ତ ଏବଂ ମାନଗୋବିନ୍ଦ ପୁହାଣଙ୍କ ଦ୍ୱାରା ପ୍ରସ୍ତୁତ ଏହି ଲାଇଭ୍ ପେଣ୍ଟିଂ ଶ୍ରଦ୍ଧାଞ୍ଜଳି ସଭାର ପ୍ରମୁଖ ଆକର୍ଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇଟିଭିର ପୂର୍ବତନ ସହଯୋଗୀ ତଥା ଓଡ଼ିଶା ରାଜ୍ୟ ଖାଦ୍ୟ କମିସନଙ୍କ ସଦସ୍ୟ ଦୟାନିଧି ଦାଶ, ସାମ୍ବାଦିକ ମନୋରଞ୍ଜନ ମିଶ୍ର, କେଦାର ମିଶ୍ର, ଶିଶିର ଭଟ୍ଟମିଶ୍ର, ଅର୍ଦ୍ଧେନ୍ଦୁ ଦାସ, ଭକ୍ତ ତ୍ରିପାଠୀ, ମାୟାଧର ପ୍ରଧାନ, ରାଧାମାଧବ ମିଶ୍ର, ଅପୂର୍ବ ମହାନ୍ତି, କପିଳାସ ଭୂୟାଁ, ଲିଙ୍ଗରାଜ ମିଶ୍ର, ଶରତ ପାଇକରାୟ, ଦୁର୍ଗାଶିଷ, ପ୍ରଣତି ପରିଡ଼ା, ସୌମ୍ୟା ପରିଡ଼ା, ମୌସୁମୀ ମହାନ୍ତି, ମୃଣାଳକାନ୍ତି ନନ୍ଦ ପ୍ରମୁଖ ଯୋଗଦେଇ ରାମୋଜୀ ରାଓଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସେହିପରି ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ବହୁ ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ଟେକ୍‌ନିସିଆନମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ କାର୍ଯ୍ୟକ୍ରମର ଆବାହକ ତଥା ସାମ୍ବାଦିକ ନୀଳାମ୍ବର ରଥ। ଏହି ଅବସରରେ ଏକ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା। କଣ୍ଠଶିଳ୍ପୀ ସୁଶାନ୍ତ ପଣ୍ଡା, ମମତା ବରାଳ ଏବଂ ରଶ୍ମିତା ଦାସ ଭଜନ ପରିବେଷଣ କରିଥିଲେ। ସାମ୍ବାଦିକ ସଂଗ୍ରାମ ଷଡ଼ଙ୍ଗୀ ଏବଂ ଇତିଶ୍ରୀ ନାୟକ ମଞ୍ଚ ସଞ୍ଚାଳନ କରିଥିଲେ।

## ଆର୍‌ଟିଇରେ ନାମଲେଖା ପାଇଁ ମିଳୁନି ସିଟ୍

ଭୁବନେଶ୍ୱର, ୧୮ ।୬(ସମିସ): ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ)ରେ ନାମଲେଖାଇବାକୁ ଘରୋଇ ବିଦ୍ୟାଳୟରେ ଉପଲବ୍ଧ ନାହିଁ ସିଟ୍। ନାମଲେଖାଇବାକୁ ଅନୁମତି ପାଇଥିଲେ ମଧ୍ୟ ଘରୋଇ ବିଦ୍ୟାଳୟଗୁଡ଼ିକ ସିଟ୍ ନ ଥିବା କହି ନାମ ଲେଖାଇବାକୁ ମନା କରୁଛନ୍ତି। ବହୁବାର ଅଭିଯୋଗ ଓ ଆନ୍ଦୋଳନ କରିବା ପରେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ଘରୋଇ ବିଦ୍ୟାଳୟଗୁଡ଼ିକର ଏପରି ମନମାନୀକୁ ବିରୋଧ କରି ମଙ୍ଗଳବାର ବିଭାଗୀୟ ମୁଖ୍ୟ ଦପ୍ତର ବା ନ'ତାଲା ଠାରେ ଆମରଣ ଅନଶନ କରିଥିଲା ଅଭିଭାବକ ମହାସଂଘ। ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସଂଘର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରି ତିନିଦିନ ମଧ୍ୟରେ ସମାଧାନ କରିବାର ପ୍ରତିଶ୍ରୁତି ଦେବାପରେ ଅନଶନ ସ୍ଥଗିତ ହୋଇଛି।

ସୂଚନା ଅନୁଯାୟୀ, ସମସ୍ତ ଘରୋଇ ବିଦ୍ୟାଳୟର ୨୫ ପ୍ରତିଶତ ସିଟ୍‌ରେ ଆର୍‌ଟିଇ ମାଧ୍ୟମରେ ନାମଲେଖାଇବାର ପ୍ରବଧାନ ରହିଛି। ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆଲଟ୍‌ମେଣ୍ଟ ପାଇଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ନାମଲେଖାଇବାକୁ ଘରୋଇ ବିଦ୍ୟାଳୟଗୁଡ଼ିକ ମନା କରୁଛନ୍ତି। ଏହା ବିରୋଧରେ ଅଭିଭାବକ ମହାସଂଘ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ମାମଲା କରାଯାଇଥିଲା। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ତଥା ପାରଦର୍ଶୀ ପୋର୍ଟାଲର ନୋଡାଲ ଅଫିସର ଜ୍ୟୋତି ରଞ୍ଜନ ମିଶ୍ର ବ୍ୟକ୍ତିଗତ ହାଜର ହୋଇ ସବୁ ପିଲାଙ୍କୁ ସୁବନ୍ଦୋବସ୍ତ କରି ନାମଲେଖାଇବାକୁ ଜଣାଇଥିଲେ। ହେଲେ ଏହାର କାର୍ଯ୍ୟକାରୀ କରୁ ନ ଥିବା ମହାସଂଘ ଅଭିଯୋଗ କରିଛି। ଏ ସମ୍ପର୍କରେ ରାଜ୍ୟ ଅତିଥି ଭବନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ସାଧାରଣ ସମ୍ପାଦକ ସତ୍ୟଜିତ ଦାସ, କଳ୍ପନା ସାହୁ, ବିମଳ ପ୍ରଧାନ, ସଙ୍ଗୀତ ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ। ଆସନ୍ତା ତିନି ଦିନ ଭିତରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବାପରେ ଅନଶନ ସ୍ଥଗିତ ରହିଥିବା ମହାସଂଘ ପକ୍ଷରୁ କୁହାଯାଇଛି। ଏହି ଅନଶନରେ ସୁବ୍ରତ ସାହୁ, ବିମଳ ପ୍ରଧାନ, ଦାଶରଥି ସାମନ୍ତରାୟ, ରେଣୁକା ମଙ୍ଗରାଜ, ବେବିନା ମହାରଣା, ଲାଳକନ୍ୟା ପ୍ରଧାନ, ସୁକାନ୍ତ ପଣ୍ଡା, ରଶ୍ମିତା ସାହୁ, ସଂଯୁକ୍ତା ବେଉରା, ସୁପ୍ରଭା ମହାରଣା, ସୁଜିତ କୁମାର ସାହୁ, ସାରଦା ପ୍ରସନ୍ନ ନନ୍ଦ, ମିନା ନାୟକ, ମିଲ୍ଲୀ ସାହୁ, ସ୍ନିଗ୍ଧାରାଣୀ ପରିଜା, ସୋନମ ବନ୍ଧୁ, ମାମୁନି ମଲ୍ଲିକ, ଗୋଲକ ପ୍ରଧାନଙ୍କ ସହ ବହୁ ଅଭିଭାବକ ସାମିଲ ଥିଲେ।



ବିଭାଗୀୟ ମୁଖ୍ୟ ଦପ୍ତର ଆଗରେ ଅନଶନ

**ଅନ୍ଧାରରେ ଯୁବପିଢ଼ିଙ୍କ ଭବିଷ୍ୟତ**

## କଥା କଥାରେ ରାଗ, ଆତ୍ମହତ୍ୟା

ଭୁବନେଶ୍ୱର, ୧୮ ।୬(ସମିସ):

ଛୋଟ ପିଲାଙ୍କ ମାନସିକତାରେ ଘଟୁଛି ଦ୍ରୁତ ପରିବର୍ତ୍ତନ। ବାପା-ମା'ଙ୍କୁ ଚିନ୍ତାରେ ପକାଉଛି ପିଲାଙ୍କ ଅସ୍ୱାଭାବିକ ମାନସିକତା। ପିଲାଙ୍କ ସ୍ୱଭାବକୁ ନେଇ ମନସ୍ତାପ କରୁଛନ୍ତି। କିଏ ସାମାନ୍ୟ କଥାରେ ବଡ଼ ଲୋକଙ୍କୁ ଉତ୍ତର ଦେଉଛି ତ କାହାକୁ ପାଠପଢ଼ା ପାଇଁ ଆକଟ କଲେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ପଛାଉନାହାନ୍ତି। କାହାକୁ ମୋବାଇଲ୍ ନଦେଲେ ରୁଷୁଛି ତ କିଏ ଅଳ୍ପ ବୟସରେ ନିଜର ପରିପକ୍ୱ ଭାବ ଦେଖାଇବାକୁ ଉଦ୍ୟମ କଲାଣି। ପିଲାଙ୍କ ଏଭଳି ଚିଡ଼ାଚିଡ଼ା ପଣ ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏସବୁର ପ୍ରମୁଖ କାରଣ ମଧ୍ୟରୁ ପିଲାମାନେ ମାତ୍ରାଧିକ ସମୟ ମୋବାଇଲ୍ ବ୍ୟବହାର କରିବା ବୋଲି କେତେକ ବିଶେଷଜ୍ଞ କୁହନ୍ତି। ଛୋଟ ବେଳୁ ବାପା ମା' ସେମାନଙ୍କୁ ମୋବାଇଲ୍ ଧରିବାର ଅଭ୍ୟାସ କରାଉଛନ୍ତି। ପିଲା ନ ଖାଇଲେ ତାଙ୍କୁ ମୋବାଇଲ୍ ଧରିବାକୁ ଦେବା ସହ ୟୁ-ଟ୍ୟୁବ୍‌ରୁ ଭିଡ଼ିଓ ଲଗାଇ ଦେଖାଉଛନ୍ତି। ଏହି ପିଲା ବଡ଼ ହେବା ପରେ ମୋବାଇଲ୍ ମାନିଆ ହୋଇ ସ୍ୱଭାବରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରୁଛନ୍ତି। ମୋବାଇଲରେ ଗେମ୍ ଖେଳିବା ଠାରୁ ଆରମ୍ଭ କରି ସୋସିଆଲ ମିଡ଼ିଆରେ ସମୟ ବିତାଇବାକୁ ଭଲ ପାଉଛନ୍ତି। ପରିବାର ଲୋକ ଏହାକୁ ବିରୋଧ କଲେ ସେମାନେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିସନଙ୍କ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି।



**ବାପା-ମା'ଙ୍କ ଚିନ୍ତା ବଢ଼ାଉଛି ପିଲାଙ୍କ ସ୍ୱଭାବ**

**ପାଠ ପଢ଼ିବାକୁ ଆକଟ କଲେ ନେଉଛନ୍ତି ଚରମ ପଦକ୍ଷେପ**

ତଥ୍ୟ ଅନୁସାରେ, ୫୯.୨ ପ୍ରତିଶତ ସ୍କୁଲ ଛାତ୍ରଛାତ୍ରୀ ସୋସିଆଲ ମିଡ଼ିଆରେ ଚାଟିଂ ପାଇଁ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି। ମାତ୍ର ୧୦.୨ ପ୍ରତିଶତ ପିଲା ପାଠପଢ଼ା ପାଇଁ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି। ବଡ଼ କଥା ହେଲା ପାଠପଢ଼ାରେ ବାଧା ନଉପୁଜିବା ପାଇଁ ଅଭିଭାବକମାନେ ପିଲାଙ୍କୁ ଅଲଗା ମୋବାଇଲ୍ ଫୋନ୍ ଦେଉଛନ୍ତି। ତେଣୁ ୩୦.୨ ପ୍ରତିଶତ ପିଲାଙ୍କ ପାଖରେ ନିଜସ୍ୱ ମୋବାଇଲ୍ ଫୋନ୍ ରହିଛି। ଯେଉଁଥି ପାଇଁ ସେମାନେ ମନ ଇଚ୍ଛା ଏହାକୁ ବ୍ୟବହାର କରୁଛନ୍ତି। କମିସନରେଟ୍ ପୁଲିସର ତଥ୍ୟ ଅନୁସାରେ ଗତ ୬ ବର୍ଷରେ ୧୨୦ ଜଣ ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ବିଶେଷ କରି ମୋବାଇଲ୍ ବ୍ୟବହାର ଏବଂ ପରିବାର ଲୋକ ଆକଟ କରିବା ପାଇଁ ଆତ୍ମହତ୍ୟା କରିଛନ୍ତି।

### ୨ମାସରେ ୪ ପିଲାଙ୍କ ଆତ୍ମହତ୍ୟା

ଗତ ଦୁଇମାସରେ ରାଜଧାନୀରେ ୪ଜଣ ଛୋଟ ପିଲା ଆତ୍ମହତ୍ୟା କରିଛନ୍ତି। ଗତ ମାସରେ ଭରତପୁର ଥାନା ଭରତପୁର ବସ୍ତିରେ ଜଣେ ନବମଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଥିଲା। ସେ ପାଠ ନପଢ଼ି ମୋବାଇଲ୍ ଘାଣ୍ଟୁଥିବାରୁ ବାପା ପାଟି କରିଥିଲେ। ଯାହାକୁ କେନ୍ଦ୍ରକରି ସେ ଝୁଲି ପଡ଼ିଥିଲେ। ସେହିପରି ଗତ ୫ ଦିନ ତଳେ ପାହାଳ ଥାନା ଅଞ୍ଚଳରେ ଜଣେ ନବମ ଶ୍ରେଣୀ ଛାତ୍ର ମଧ୍ୟ ଆତ୍ମହତ୍ୟା କରିଥିଲେ। ତାଙ୍କୁ ପାଠ ପଢ଼ିବାକୁ ବାପା ପାଟି କରିବାରୁ ସେ ଝୁଲି ପଡ଼ିଥିଲେ। ସେହିପରି ମଞ୍ଚେଶ୍ୱର ଥାନା ଏବଂ ସହିଦନଗର ଥାନା ଅଞ୍ଚଳରେ ଦୁଇ ଶିଶୁଙ୍କୁ ଆକଟ କରିବାରୁ ଝୁଲି ପଡୁଛନ୍ତି।

### ପିଲାଙ୍କ ପାଇଁ ସମୟ ନାହିଁ

ଛୋଟ ଶିଶୁଙ୍କ ମାନସିକ ସ୍ଥିତି ବିଗିଡ଼ିବାର ମୁଖ୍ୟ କାରଣ ହେଲା ବାପା, ମା'। କାରଣ ସେମାନେ ପିଲାଙ୍କୁ ମୋବାଇଲ୍ ଧରାଇ ନିଜ ଅଫିସ୍ କାମରେ ବ୍ୟସ୍ତ ରହିଛି। ଘରକୁ ସନ୍ଧ୍ୟାରେ ଫେରିଲେ ମଧ୍ୟ ସେମାନେ ନିଜ ଘର କାମରେ ବ୍ୟସ୍ତ ରହିଲେ। ସେପଟେ ଶିଶୁ ମୋବାଇଲ ଦ୍ୱାରା ବିଭିନ୍ନ ଘଟଣାକୁ ନେଇ ମାନସିକ ସ୍ଥିତି ବିଗିଡ଼ିଯାଏ। ଯାହାଫଳରେ ସେ ଆତ୍ମହତ୍ୟା କରିଥାନ୍ତି। ତେଣୁ ଅଭିଭାବକମାନେ ପିଲାଙ୍କୁ ସମୟ ଦେବାକୁ ବିଶେଷଜ୍ଞମାନେ ମତ ଦେଇଛନ୍ତି।



'ଡକ୍ଟର ବି.ଆର. ଆମ୍ବେଦକର ସେବକ ସଂଘ' ଓଡ଼ିଶା ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥି ଭବନରେ ସ୍ୱାଗତ ଓ ଅଭିନନ୍ଦନ ଜଣାଇବା ସହ ୧୦ ଦଫା ସମ୍ବଳିତ ଦାବିପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଛି

## ସେମିନାର ଚାଲିଥିବା ବେଳେ ଟଳିପଡ଼ିଲେ ଛାତ୍ର

ଭୁବନେଶ୍ୱର, ୧୮ ।୬(ସମିସ): ଖଣ୍ଡଗିରି ଥାନା ବେସିକ୍ ସାଇନ୍ସ କଲେଜରେ ସେମିନାର୍ ଚାଲିଥିବା ବେଳେ ଜଣେ ଛାତ୍ର ଟଳି ପଡ଼ିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଛାତ୍ର ଜଣଙ୍କ ହେଲେ ଦିବ୍ୟବିହାରର ଶୁଭାଶିଷ ସାମନ୍ତରାୟ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଦେଇଛି। ଆଜି କଲେଜରେ ଶୁଭାଶିଷଙ୍କ ସେମିନାଲ ଚାଲୁଥିଲା ଏହି ସମୟରେ ସେ ହଠାତ୍ ଟଳିପଡ଼ିଲେ। ସାଙ୍ଗସାଥୀ ତାଙ୍କୁ ହସ୍ପିଟାଲ ଭର୍ତ୍ତି କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଲେ। ହୃଦଘାତରୁ ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ ପ୍ରାଥମିକ ରିପୋର୍ଟରୁ ଜାଣିବାକୁ ପାଇଛି।





# ୨୦ରେ 'ତୃତୀୟ ଓଡ଼ିଆ ସିନେ ଆୱାର୍ଡ'

**ପିଣ୍ଟୁ ନନ୍ଦଙ୍କୁ ମରୋଣତ୍ତର ଜୀବନବ୍ୟାପୀ ସାଧନା ସମ୍ମାନ**

**୭୫ଟି ବର୍ଗରେ ସମ୍ମାନିତ ହେବେ କଳାକାର**

ଭୁବନେଶ୍ୱର, ୧୮ ।୬(ସମିସ): ରାଜ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ କାର୍ଯ୍ୟରତ କଳାକାରଙ୍କୁ ପ୍ରୋତ୍ସାହିତ କରିବାକୁ ରିଲସ୍ ଆଣ୍ଡ ରିଲସ୍ ଓ ଅନିସ୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଆସନ୍ତା ୨୦ ତାରିଖରେ ଆୟୋଜିତ ହେବାକୁ ଯାଉଛି 'ତୃତୀୟ ଓଡ଼ିଆ ସିନେ ଆୱାର୍ଡ' ଉତ୍ସବ। ଉତ୍କଳ ମଣ୍ଡପରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବର୍ଷିଆନ କଳାକାରଙ୍କ ସମେତ ଓଲିଉଡ୍ ଜଗତର ବହୁ ତାରକା ଯୋଗଦେବେ। ମୁଖ୍ୟ ଅତିଥି ଭାବେ ବର୍ଷିଆନ୍ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିବେ। ସନ୍ଧ୍ୟା ୭ଟାରୁ ରାତି ୧୦ପର୍ଯ୍ୟନ୍ତ ଓଲିଉଡ୍ କଳାକାରଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଓଡ଼ିଆ ସିନେ ଜଗତକୁ ଉତ୍ସର୍ଗୀକୃତ ଅବଦାନ ପାଇଁ ସ୍ୱର୍ଗୀୟ ପିଣ୍ଟୁ ନନ୍ଦଙ୍କୁ 'ମରୋଣତ୍ତର ଜୀବନବ୍ୟାପୀ ସାଧନା ସମ୍ମାନ-୨୦୨୪' ପ୍ରଦାନ କରାଯିବ ବୋଲି ଆୟୋଜକ କମିଟିର ସଙ୍ଗଠକ ସ୍ମିତ ପଟ୍ଟନାୟକ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେହିପରି ଶ୍ରେଷ୍ଠ ଅଭିନୟ, ସଙ୍ଗୀତ, କାହାଣୀ ଓ କମେଡି ସମେତ ୭୫ଟି ବର୍ଗରେ କଳାକାରଙ୍କୁ ସମ୍ମାନିତ କରାଯିବ ବୋଲି ଅନ୍ୟତମ ସଙ୍ଗଠକ ତପନ କୁମାର ଦାସ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶ୍ୟାମା ପ୍ରସାଦ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏଫ୍‌ଏଫ୍‌ସି ପକ୍ଷରୁ ଯୋଗ ପ୍ରଶିକ୍ଷଣ



ଭୁବନେଶ୍ୱର, ୧୮ ।୬(ସମିସ): ଅର୍ନ୍ତଜାତୀୟ ଯୋଗ ଦିବସ ଅବସରରେ ଫନ୍ ଆଣ୍ଡ ଫିଟ୍‌ନେସ କ୍ଲବ୍ ଦ୍ୱାରା ଭାରତୀୟ ଯୋଗ ସଂସ୍ଥାନ ଆନୁକୂଲ୍ୟରେ ଏନ-୩ ଯୁଧିଷ୍ଠିର ଦାସ ପାର୍କରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଯୋଗ ପ୍ରଶିକ୍ଷକ ଭାବେ ପ୍ରଦିପ୍ତ କୁମାର ମହାନ୍ତି, ଜ୍ୟୋତିର୍ମୟ ରଥ, ରାଜକିଶୋର ଶର୍ମା, ଏବଂ ସମ୍ ହସ୍ପିଟାଲର ଭେଷଜ ବିଭାଗ ପ୍ରଫେସର ଡ. ସୁରେନ୍ଦ୍ର ନାଥ ସ୍ୱାଇଁ ଯୋଗଦେଇ ଯୋଗର ବିଭିନ୍ନ ମୁଦ୍ରା ଓ ପ୍ରାଣାୟମ ଦ୍ୱାରା ସ୍ୱାସ୍ଥ୍ୟକୁ କିପରି ନିୟନ୍ତ୍ରିତ କରାଯାଇ ସନ୍ତୁଳିତ ଜୀବନଯାପନ କରାଯାଇ ପାରିବ ସେ ସମ୍ପର୍କରେ ବୁଝାଇଥିଲେ। ବିଶେଷ ଭାବରେ ପ୍ରାତଃ ଭ୍ରମଣକାରୀ ଓ ପଥଚାରୀମାନଙ୍କୁ ଏ ନେଇ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଏଫ୍‌ଏଫ୍‌ସିର ସଭାପତି ଆଶିଷ ପଟ୍ଟନାୟକ ପୂର୍ବତନ ସଭାପତି କେଦାର ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଦୀପ ରାଉତ, ସୁରେନ୍ଦ୍ର ନାଥ ସେଠୀ ଓ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ପାଣିରେ ପଡ଼ିଲା ୧୫ ଲକ୍ଷ

## ପୁଣି କୋଟିଏ ଲୋଡ଼ା





**ତିନି ବର୍ଷ ତଳେ ହୋଇଥିଲା ନବୀକରଣ**

**ଆବର୍ଜନା କୁଣ୍ଡ ପାଲଟିଛି 'ବରମୁଣ୍ଡା ତୁଠ ପୋଖରୀ'**

ଭୁବନେଶ୍ୱର, ୧୮ ।୬(ସମିସ):

ପୋଖରୀ ନବୀକରଣକୁ ୩ ବର୍ଷ ହୋଇଥିବାବେଳେ ଏବେ ପୁଣି ଖର୍ଚ୍ଚ ହେବ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା। ଫଳରେ ୩ ବର୍ଷ ତଳେ ବ୍ୟୟ ହୋଇଥିବା ୧୫ଲକ୍ଷ ଟଙ୍କା ଏବେ ପାଣିରେ ପଡ଼ିଲା ବୋଲି କହିଛନ୍ତି ସ୍ଥାନୀୟ ଲୋକେ। ବହୁ ବର୍ଷର ପୁରୁଣା ପୋଖରୀକୁ ୩ବର୍ଷ ତଳେ ନବୀକରଣ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଖରୀର ମାଟି ହୁଡ଼ାକୁ ପଥର କରାଯାଇ ଚାରିପଟେ ଷ୍ଟିଲ୍ ବାଡ଼ ସାଙ୍ଗକୁ ସିମେଣ୍ଟ ପାହାଚ ନିର୍ମାଣ କରାଯାଇଥିଲା। କେବଳ ସେତିକି ନୁହେଁ, ପୁନଃଖନନ କରାଯାଇ ପାଣିକୁ ପରିଷ୍କାର କରାଯାଇଥିଲା। ହେଲେ ଯେଉଁ ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଏତେସବୁ କାର୍ଯ୍ୟ କରାଗଲା ଶେଷରେ ତାହା ସଫଳ ହୋଇପାରିଲା ନାହିଁ। ବରମୁଣ୍ଡା ସମେତ ଆଖପାଖ ଅଞ୍ଚଳବାସୀଙ୍କ ଶୁଦ୍ଧି କାର୍ଯ୍ୟ କରିବାର ଏକମାତ୍ର ଜଳାଶୟ ବରମୁଣ୍ଡା ତୁଠ ପୋଖରୀ ଏବେ ପୁଣି ଆବର୍ଜନା କୁଣ୍ଡରେ ପରିଣତ ହେଲାଣି। ପୋଖରୀ ଭିତରେ କୁଢ଼ କୁଢ଼ ଅଳିଆ ସାଙ୍ଗକୁ ଭର୍ତ୍ତି ହୋଇଛି ପ୍ଲାଷ୍ଟିକ୍, କାଚ ବୋତଲ ସମେତ ପଲିଥିନ୍। ଯେଉଁଠିକୁ ଦଶାହ କାର୍ଯ୍ୟ କରିବାକୁ ଆସି ବିଭିନ୍ନ ରୋଗ କିଣୁଛନ୍ତି ଲୋକେ।

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୫୦ ଅଧୀନ ବରମୁଣ୍ଡା ଜାଗମରା ରାସ୍ତାକଡ଼ରେ ରହିଛି ଏହି ପୁରାତନ ତୁଠ ପୋଖରୀ। ସ୍ଥାନୀୟ ବିଧାୟକ ପାଣ୍ଠି ସହ ବିଏମ୍‌ସି ମଧ୍ୟ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ଟଙ୍କା ଖର୍ଚ୍ଚ କରିଥିଲା। ଚାରିପାଖ ବାଡ଼ ସମେତ ଶୌଚାଳୟ, ତୁଠ କର୍ମକାଣ୍ଡ ପାଇଁ ସ୍ୱତନ୍ତ୍ର ଘର, ଗାଧୋଇବା ପାଇଁ ସବୁ ବ୍ୟବସ୍ଥା ହୋଇଥିଲା। ଏହି ବାଟ ଦେଇ ଯାଉଥିବା ଯେକୌଣସି ଲୋକଙ୍କୁ ଏହା ଆକର୍ଷିତ କରୁଥିଲା। ମାତ୍ର ୩ବର୍ଷ ମଧ୍ୟରେ ରେଲିଂ ଭାଙ୍ଗିପଡ଼ିବା ସହିତ ପାହଚ ଗୁଡ଼ିକ ମଧ୍ୟ ନଷ୍ଟ ହୋଇଗଲାଣି। କେବଳ ସେତିକି ନୁହେଁ, କେତେକ ସ୍ଥାନରୁ ପେଭରବ୍ଲକ ଉଠିଯାଇଥିବାବେଳେ ପାଣିରେ ଆବର୍ଜନା ପଚିଶଢ଼ି ପାଣିର ରଙ୍ଗ ବଦଳିଗଲାଣି। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। କେବଳ ଶୁଦ୍ଧି କାର୍ଯ୍ୟ ନୁହେଁ, ଅନେକ ଲୋକ ଏଠି ନିୟମିତ ଗାଧୁଆପାଧୁଆ କରୁଥିବାବେଳେ ଏବେ ସେଥିରୁ ବଞ୍ଚିତ ହେଉଛନ୍ତି। ସେହିପରି ସୌନ୍ଦର୍ଯ୍ୟକରଣ ଯୋଗୁଁ ସ୍ଥାନୀୟ ଲୋକେ ଏଠାରେ ଅବସର ବିନୋଦନ କରୁଥିଲେ ବି ଏବେ ତାହା ଆଉ ହୋଇପାରୁନାହିଁ। ବର୍ଷ ତମାମ ଯେଉଁଠାରେ ଗହଳି ଲାଗି ରହୁଥିଲା ଆଜି ସେହି ସ୍ଥାନ ଖାଁ ଖାଁ। ପୋଖରୀ ପାଣିରେ ଗୋଡ଼ ବୁଡ଼ାଇଲେ ଚର୍ମ ରୋଗର ଶିକାର ହେଉଥିବା ଲୋକ ଅଭିଯୋଗ କରିଛନ୍ତି। ଏହାକୁ ପୁଣି ଥରେ ସଫା କରିବାକୁ ଲୋକେ ଦାବି କରିଛନ୍ତି। ତେବେ ୩ବର୍ଷ ତଳେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହାର ପୁନରୁଦ୍ଧାର କରାଯାଇଥିବା ବେଳେ ପୁଣି ପୁନରୁଦ୍ଧାର ପାଇଁ କୋଟିଏରୁ ଅଧିକ ଟଙ୍କାର ବ୍ୟୟବରାଦ ହୋଇଥିବା ଜଣାପଡ଼ିଛି। ଭୁବନେଶ୍ୱରରେ ଜଳାଶୟର ପୁନରୁଦ୍ଧାର କରିବାକୁ ବିଏମ୍‌ସି ଯୋଜନା ପରେ ଯୋଜନା କରୁଥିବାବେଳେ ରକ୍ଷଣାବେକ୍ଷଣ କରାଯାଉନଥିବାରୁ ପୋଖରୀ ଓ ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ କର୍ପୋରେଟର ରାମ ରଣସିଂହ କହିଛନ୍ତି ଯେ, ପୋଖରୀକୁ ନିୟମିତ ସଫା କରାଯାଉଛି। ଲୋକେ ତୁଠକାମ କରିବା ପରେ କର୍ମ ସାମଗ୍ରୀ ପାଣିରେ ପକାଉଛନ୍ତି। ତେଣୁ ପାଣି ଅଳିଆ ହେଉଛି। ଜାଲି ଲଗାଇବାପରେ ଆଉ ମଇଳା ପକାଇପାରିବେ ନାହିଁ। ଏହାର ପୁନରୁଦ୍ଧାର ପାଇଁ ଟେଣ୍ଡର୍ ସରିଛି। ଖୁବଶୀଘ୍ର କାମ ଆରମ୍ଭ ହେବ।

# ରଜ ଉତ୍ସବ ପାଳିଲା 'ଉତ୍କଳିକା କାତାର'



ଭୁବନେଶ୍ୱର, ୧୮ ।୬(ସମିସ): ପ୍ରବାସୀ ଓଡ଼ିଆ ସଂଗଠନ 'ଉତ୍କଳିକା କାତାର' ପକ୍ଷରୁ ଇଣ୍ଡିଆନ୍ କଲ୍‌ଚରାଲ ସେଣ୍ଟର (ଆଇସିସି)ଠାରେ କାତାର ଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନେଇ ରଜ ପର୍ବ ପାଳିତ ହୋଇଯାଇଛି। ଆତ୍ମିୟତା ଓ ଆତିଥେୟତାର ଏହି ପର୍ବରେ ଓଡ଼ିଶାର ନିଜସ୍ୱ ଖାଦ୍ୟ ଓ ରନ୍ଧନଶୈଳୀକୁ ଓଡ଼ିଶା ବାହାରେ ଲୋକପ୍ରିୟ କରାଇବା ଥିଲା ଏହି ଆୟୋଜନର ମୂଳ ଲକ୍ଷ୍ୟ। ଏହି ପର୍ବରେ ଅନେକ ପ୍ରକାରର ପିଠା, ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ନାଚ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। 'ଉତ୍କଳିକା କାତାର'ର ସଭାପତି ଡ. ବସନ୍ତ କୁମାର କବି ସ୍ୱାଗତ ଭାଷଣ ଦେଇଥିବାବେଳେ କାତାରସ୍ଥିତ ପୋଦାର ପର୍ଲ ସ୍କୁଲର ପ୍ରିନ୍ସିପାଲ ଡ. ମନୀଶ ମଙ୍ଗଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚଳିତ ବର୍ଷ ଦଶମ ତଥା ଦ୍ୱାଦଶ ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଉତ୍କଳିକା କାତାରର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରବାସୀ ଓଡ଼ିଆମାନେ ରଜ ମଉଜ ସାଙ୍ଗକୁ ଲକି ଡ୍ର'ର ମଜା ନେଇଥିଲେ। ଏଥିରେ ଅନୁଷ୍ଠାନର ସଭାପତି ନିହାର ରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ଅବିନାଶ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦିକା ଇପ୍ସିତା ଶତପଥୀ, ଉପଦେଷ୍ଟା ଖାରବେଳ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବର୍ଷେ ପରେ ପୂଜା ପାଇଲେ ଅଷ୍ଟଭୁଜା

ଭୁବନେଶ୍ୱର, ୧୮ ।୬(ସମିସ): ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏସନ୍ ଆନୁକୂଲ୍ୟରେ ୨୦୦୮ ମସିହାରୁ ଡିଷ୍ଟ୍ରିକ୍ଟ ସେଣ୍ଟରଠାରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ୨୦୧୧ ମସିହାରେ ଆସୋସିଏସନ୍ ପକ୍ଷରୁ ନିଜସ୍ୱ ଅର୍ଥରେ ନିର୍ମିତ ସ୍ଥାୟୀ ମଣ୍ଡପରେ ଦୁର୍ଗାପୂଜା ହେବା ସହିତ ମଣ୍ଡପ ପରିସରରେ ଅଷ୍ଟଭୁଜା ଦେବୀଙ୍କୁ ସ୍ଥାପନ କରାଯାଇଥିଲା। ଗତବର୍ଷ ଶାରଦୀୟ ଦୁର୍ଗାପୂଜା ସମୟରେ ବିଶୃଙ୍ଖଳା ଉପୁଜିବାରୁ ଅଷ୍ଟଭୁଜା ଅପୂଜା ରହିଥିଲେ। ଏ ନେଇ ଆସୋସିଏସନ୍ ପକ୍ଷରୁ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରାଯିବା ପରେ ସୋମବାର ସାଧାରଣ ସମ୍ପାଦକ ସରୋଜ କାନ୍ତ ମଲ୍ଲିକଙ୍କୁ ଚାବି ହସ୍ତାନ୍ତର କରିଥିଲେ। ଚାବି ପାଇଲା ପରେ ମଣ୍ଡପ ପରିସର ସଫା କରାଯିବା ସହିତ ସନ୍ଧ୍ୟାରେ ବୈଦିକ ରୀତିନୀତି ଅନୁଯାୟୀ ଅଷ୍ଟଭୁଜା ଦେବୀଙ୍କ ପୂଜା ଓ ହୋମ ଯଜ୍ଞ କରାଯାଇଥିଲା।



# ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀଙ୍କୁ ଭେଟିଲେ ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର, ୧୮ ।୬(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଆଜି ପୂର୍ବାହ୍ନରେ ରାଜ୍ୟ ଅତିଥି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଶ୍ରୀ ସେଠୀ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ମନ୍ତ୍ରୀ ଶ୍ରୀ ଗଣ୍ଡ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାପକ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶାର ରୂପରେଖକୁ ସଶକ୍ତ କରିବା ଦିଗରେ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ପ୍ରମୁଖ ଶାସନ ସଚିବଙ୍କ ସମେତ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ କୁମାର ରାୟ, ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ମଧୁମିତା ନାୟକ, ସୋନିଆ ବେହେରା ଓ ଦୀପକ ରାଉତରାୟ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସର ୧୧ତମ ବାର୍ଷିକ ଉତ୍ସବ

# ରଜ ମହୋତ୍ସବ ଓ ପତ୍ରିକା ଉନ୍ମୋଚନ

ଭୁବନେଶ୍ୱର, ୧୮ ।୬(ସମିସ): ଆଦିତ୍ୟ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ବୁଦ୍ଧ ମନ୍ଦିରରେ ଆଜିର ସୃଜନୀ ପକ୍ଷରୁ ରଜ ମହୋତ୍ସବ ଓ ପତ୍ରିକା ଉନ୍ମୋଚିତ ହୋଇଛି। ଏଥିରେ ଦିଲ୍ଲୀପ ରାଉତରାୟ, ଲେଖିକା ଶକୁନ୍ତଳା ବଳିଆରସିଂହ, ସମାଜସେବୀ ରୀନା ରାଉତରାୟ ଏବଂ ସୁଚେତା ରାଉତ ଅତିଥି ଭାବରେ ଯୋଗ ଦେଇଥିଲେ। ଅବହେଳିତ ଅବସ୍ଥାରେ ଥିବା ମହିଳା ଓ ଶିଶୁଙ୍କ ପାଇଁ କାର୍ଯ୍ୟକରୁଥିବା ଆଜିର ସୃଜନୀ ମାତୃଭାଷା ପ୍ରୀତି ନେଇ ଓଡ଼ିଆ ସାହିତ୍ୟ କ୍ଷେତ୍ରର ବିକାଶ ପାଇଁ ମଧ୍ୟ କାର୍ଯ୍ୟ କରୁଛି। ଉନ୍ମୋଚିତ ସାହିତ୍ୟ ପତ୍ରିକା ଆଜିର ସୃଜନୀ ପରିବାରର ସାହିତ୍ୟ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଅଲିଭା ଆରତୀ ପଣ୍ଡା ସଞ୍ଚାଳନ କରିଥିବା ବେଳେ ଆଜିର ସୃଜନୀର ପ୍ରତିଷ୍ଠାତ୍ରୀ ଡ. ସୁଜାତା ନନ୍ଦ ଅନୁଷ୍ଠାନର ମହତ୍ତ୍ୱାକାଂକ୍ଷୀ ଉଦ୍ଦେଶ୍ୟ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ନାହିଁ ସୂଚନାଫଳକ, ନାହାନ୍ତି ଗାଇଡ୍; ପର୍ଯ୍ୟଟକ ନିରାଶ





**ପ୍ରଚାର, ପ୍ରସାର ହୋଇପାରୁନି ଓଡ଼ିଶାର କଳା ଓ ସଂସ୍କୃତି**

ଭୁବନେଶ୍ୱର, ୧୮ ।୬(ସମିସ):

ଓଡ଼ିଶାରେ ରହିଛି ପୁରାତନ ଐତିହ୍ୟସ୍ଥଳୀ। ସେହିପରି ରାଜଧାନୀରେ ମଧ୍ୟ ବହୁ ଐତିହ୍ୟ ପୀଠ ତଥା ପୁରାତନ ମନ୍ଦିର ମଧ୍ୟ ରହିଛି। ସେହି ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଏବଂ ବିଦେଶରୁ ପର୍ଯ୍ୟଟକ ଆସୁଛନ୍ତି। କିନ୍ତୁ ପରିତାପର ବିଷୟ ରାଜଧାନୀର ଐତିହ୍ୟପୀଠଗୁଡ଼ିକରେ ଗାଇଡ୍ ନ ଥିବାରୁ ଦେଶରୁ ତଥା ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ନିରାଶ ହୋଇ ଫେରୁଛନ୍ତି। ଗାଇଡ୍ ନ ଥିବାରୁ ଭୁବନେଶ୍ୱରରେ ଥିବା ଅଶୋକଙ୍କ ପ୍ରାଚୀନ ଶିଳାଲେଖ, ପଞ୍ଚୁ ପାଣ୍ଡବ ଗୁମ୍ଫା, ଚଉଷଠୀ ଯୋଗିନୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର, ମେଘେଶ୍ୱର ମନ୍ଦିର, ଭାସ୍କରେଶ୍ୱର ମନ୍ଦିର, ଗଙ୍ଗେଶ୍ୱର-ଯମୁନେଶ୍ୱର ମନ୍ଦିର, ପର୍ଶୁରାମେଶ୍ୱର ମନ୍ଦିର ପରି ଅନେକଗୁଡ଼ିଏ କୀର୍ତ୍ତିରାଜି ବିଷୟରେ ପର୍ଯ୍ୟଟକମାନେ ଜାଣିପାରୁନାହାନ୍ତି। ଗାଇଡ୍‌ର ଅଭାବରୁ ସେମାନେ ଓଡ଼ିଶାର ଅନେକଗୁଡିଏ କୀର୍ତ୍ତିରାଜି ସମ୍ପର୍କରେ ଅଜଣା ରହିଯାଉଛନ୍ତି। ସେହି ସ୍ଥାନଗୁଡ଼ିକରେ ଇତିହାସକୁ ଜାଣିବା ପାଇଁ ବୋର୍ଡରେ ଇଂରାଜୀ ଓ ଓଡ଼ିଆରେ ଲେଖା ଅଛି ସତ କିନ୍ତୁ ଅନେକ ସମୟରେ ପର୍ଯ୍ୟଟନସ୍ଥଳଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଜାଣିପାଇଁ ପର୍ଯ୍ୟଟକମାନେ ଗାଇଡଙ୍କୁ ଖୋଜି ନିରାଶ ହୋଇ ଫେରୁଛନ୍ତି। ସେହିପରି କେତେକ ସ୍ଥାନରେ ବାହାରପଟେ ବୋର୍ଡ ମଧ୍ୟ ଦେଖିବାକୁ ମିଳୁନି ତ କେଉଁଠି ବୋର୍ଡର ଲେଖା ଲିଭିବାକୁ ବସିଲାଣି। ଏହି ଐତିହ୍ୟସ୍ଥଳରୁ କିଛି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଦ୍ୱାରା ସଂରକ୍ଷିତ ଥିବାବେଳେ ଆଉ କିଛି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ପ୍ରତିଦିନ ଅନେକ ପର୍ଯ୍ୟଟକ ଏହି ସ୍ଥାନଗୁଡ଼ିକୁ ଯାଉଛନ୍ତି ହେଲେ ଅନେକଙ୍କୁ ଏହି ଐତିହ୍ୟ ସ୍ଥାନ ବିଷୟରେ ଜଣା ନାହିଁ। ଐତିହ୍ୟସ୍ଥଳୀ ବିଷୟରେ କିଛି ଜଣା ନ ଥିବାରୁ ଆଖପାଖରେ ଗାଇଡ୍ ଖୋଜୁଛନ୍ତି। କିନ୍ତୁ କୌଣସି ଗାଇଡ ନ ମିଳିବାରୁ ସେଠାରେ ଯଦି ଲେଖା ରହୁଛି ସେହି ଇଂରାଜୀ ଭାଷାରେ ଯାହା ଯେତିକି ତଥ୍ୟ ରହିଛି ସେଥିରୁ ନିଜେ ପଢ଼ି ବୁଝିବାକୁ ପଡୁଛି। ଏ ନେଇ କର୍ଣ୍ଣାଟକରୁ ରାଜଧାନୀର ଐତିହ୍ୟସ୍ଥଳୀଗୁଡ଼ିକ ବିଷୟରେ ଜାଣିବାକୁ ଆସିଥିବା ସାନ୍ତା ଆର. ଭଟ୍ଟ ନାମକ ପର୍ଯ୍ୟଟକ କୁହନ୍ତି ଓଡ଼ିଶା ବିଷୟରେ ସେ ଅଧିକ ଜାଣିବାକୁ ଇଚ୍ଛୁକ। ହେଲେ ଏଠାରେ ତାଙ୍କୁ କୌଣସି ଗାଇଡ୍ କିମ୍ବା କର୍ମଚାରୀ ନାହାନ୍ତି। ତେଣୁ ତଥ୍ୟ ଜାଣି ନ ପାରି ନିରାଶ ହୋଇ ଫେରୁଥିବା କହିଛନ୍ତି। କେବଳ ସାନ୍ତା ଆର. ଭଟ୍ଟ ନୁହଁ ବରଂ ପ୍ରତିଦିନ ଏପରି ଅନେକ ପର୍ଯ୍ୟଟକ ଗାଇଡଙ୍କ ଅଭାବରୁ ନିରାଶ ହେଉଛନ୍ତି। ଏ ନେଇ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସୁପରିନ୍‌ଟେଣ୍ଡେଣ୍ଟ ଅଶ୍ୱିନୀ ଶତପଥୀ କୁହନ୍ତି ଗାଇଡ୍ ବ୍ୟବସ୍ଥା କଥା ପର୍ଯ୍ୟଟନ ବିଭାଗ ବୁଝୁଥିଲା ତା ସହିତ କିଛି ବ୍ୟକ୍ତିଗତ ସଂସ୍ଥାକୁ ମଧ ଦାୟିତ୍ୱ ମିଳିଥିଲା। ତେଣୁ ସେ ଦାୟିତ୍ୱ କଥା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ନାହିଁ। ବାକି ଯେଉଁ ଐତିହ୍ୟସ୍ଥାନରେ ବୋର୍ଡଗୁଡ଼ିକ ନାହିଁ ତାହା ଲଗାଯାଉଛି। ଏହା ଏକ ନିରନ୍ତର ପ୍ରକ୍ରିୟା ତେଣୁ ସମୟ ଲାଗିବ କିନ୍ତୁ ଖୁବଶୀଘ୍ର କାମ ଶେଷ ହେବ।



